# Akashvani, Sambalpur

## SAMBALPURI NEWS EVENING BULLETIN

## 6 July 2025- 7.02 pm- 7.12 pm.

**********************************************

୧- ଶ୍ରୀକ୍ଷେତ୍ର ପୁରୀ ନ ଅନୁଷ୍ଠିତ ହେଉଛେ ଶ୍ରୀଜୀଉମାନ୍‌କର୍ ସୁନାବେଶ ।

- ମହାପ୍ରଭୁଙ୍କର୍ ରାଜରାଜେଶ୍ୱର୍ ବେଶ ଦର୍ଶନ୍ ଲାଗି ଲକ୍ଷାଧିକ ଭକ୍ତଙ୍କର୍ ସମାଗମ୍ ।

୨- ବିଶିଷ୍ଟ ଚିନ୍ତାନାୟକ୍ ଆଉ ଜନନେତା ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କର୍ ଶହେ ୨୫ ତମ ଜୟନ୍ତୀ ଅବ୍‌ସରେ ଦେଶ୍‌ବାସୀ ଜନାଲେ ଶ୍ରଦ୍ଧାଞ୍ଜଳି ।

୩- ପାରମ୍ପରିକ୍ ରୀତିନୀତିଥି ପାଳନ୍ କରାଯାଉଛେ ମୁସଲ୍‌ମାନ୍ ସମ୍ପ୍ରଦାୟର୍ ତ୍ୟାଗ ଆଉ ବଳିଦାନ୍‌ର ପରବ୍ ଆସୁରା-ଏ-ମହରମ୍ ।

ଆଉର୍

୪- ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ଛଡ଼ାଗଲା ଇ ବଛରର୍ ପହେଲା ବଏଡ୍ ପାଏନ୍ ।

- ୨୦ ଟା ଗେଟ୍ ଦେଇକରି ଛଡ଼ାଯାଉଛେ ପାଏନ୍ ।

ସୁନାବେଶ          ଆର୍‌ଏନ୍‌ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ଅଷାଢ୍ ମାସର୍ ଉଜଲ୍ ପଖର୍ ପବିତ୍ର ଶ୍ରୀହରିଶୟନ ଏକାଦଶୀ ତିଥି ନ ସିଂହଦୁଆର ଆଗାଡ଼େ ଆଏଜ୍ ରଥ ଉପ୍‌ରେ ଚତୁର୍ଦ୍ଧାମୂର୍ତିଙ୍କର୍ ସୁନାବେଶ ହେଉଛେ । ସଞ୍ଜ୍‌ବେଲୁ ରାତିର୍ ପାଖାପାଖି ୧୧ ବଜେତକ୍ ପ୍ରଭୁ ଶ୍ରୀ ବଳଭଦ୍ର, ଶ୍ରୀଜଗନ୍ନାଥ ଆର୍ ଦେବୀ ସୁଭଦ୍ରା ଭକ୍ତମାନ୍‌କୁ ସୁନାବେଶଥି ଦର୍ଶନ୍ ଦଉଛନ୍ ।  ମାହାପୁରୁମାନ୍‌କୁ ହୀରା, ନୀଳା, ମୋତି ମାଣିକ୍ୟ ଖଞ୍ଜା ହେଇଥିବା ଶହେ ୩୮ ପ୍ରକାରର୍ ସୁନା ଅଲଙ୍କାର୍‌ଥି ସଜାଯାଇଛେ । ଇ ବାବ୍‌ଦେ ଶୁନୁନ୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ତେଜଶ୍ରୀ ମିଶ୍ର)

ସୁନାବେଶ ଅବ୍‌ସରେ ଶ୍ରୀକ୍ଷେତ୍ର ପୁରୀ ନ ସୁରକ୍ଷାକେ ନଜର୍‌ଥି ରଖିକରି ପୁଲିସ୍ ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍‌ର ବନ୍ଦୋବସ୍ତ କରାଯାଇଛେ । ଇ ବାବ୍‌ଦେ ପୁରୀ ଆରକ୍ଷୀ ଅଧିକ୍ଷକ ପିନାକ ମିଶ୍ର କହିଛନ୍....

(ଭଏସ୍ ଓଭର୍- ପିନାକ ମିଶ୍ର)

ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀ-ଜୟନ୍ତୀ   ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶିଷ୍ଟ ଚିନ୍ତାନାୟକ, ଜନନେତା ଆଉ ଜନସଂଘର୍ ସଂସ୍ଥାପକ ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କର୍ ଶହେ ୨୫ ତମ ଜୟନ୍ତୀ ପାଲନ୍ ଅବ୍ସରେ  ଆଏଜ୍ ଦେଶ୍ବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର୍ ମୁଖାର୍ଜୀଙ୍କର୍ ଜନ୍ମ ବାର୍ଷିକୀ ଅବ୍ସରେ ଶ୍ରଦ୍ଧାଞ୍ଜଳି ଜନେଇକରି, ତାଙ୍କୁ ଦେଶର୍ ସମ୍ମାନ୍, ମର୍ଯ୍ୟାଦା ଆଉ ଗୌରବ୍ ରକ୍ଷା କର୍ବାର୍ ଲାଗି ନିଜର୍ ଜୀବନ୍କେ ଉତ୍ସର୍ଗ କରିଥିଲେ ବଲି କହିଛନ୍ । ଆଉ ଗୁଟେ ବିକଶିତ୍ ଆର୍ ଆତ୍ମନିର୍ଭରଶୀଲ୍ ଭାରତ୍ ଗଢ୍ବାର୍ ଦିଗେ ତାଙ୍କର୍ ଆଦର୍ଶ ଆଉ ନୀତି ବହୁତ୍ ଜରୁରୀ ଆଏ ବଲି କହିଛନ୍ । ଇ ଅବ୍ସରେ ଆଏଜ୍ ଭୁବ୍ନେଶ୍ୱର୍ର ଜୟଦେବ୍ ଭବନ୍ ଠାନେ ରାଜ୍ୟସ୍ତରୀୟ ସମାରୋହ ହେଇଯାଇଛେ । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଡକ୍ଟର୍ ମୁଖାର୍ଜୀଙ୍କର୍ ଜୀବନ୍ ଆଦର୍ଶ ଯୁଆନ୍ ପିଢ଼ିଙ୍କୁ ପ୍ରେରଣା ଦେଇ ଆସୁଛେ ବଲି କହିଛନ୍ । ଇତାର୍ସହେତେ ବିକଶିତ୍ ଭାରତ୍ ଗଠନ୍ କ୍ଷେତ୍ରଥି ଗରିବ୍, ମହିଳା, ଚାଷୀ ଆଉ ଯୁଆନ୍ ବର୍ଗଙ୍କୁ ମୁଖ୍ୟ ସ୍ରୋତଥି ସାମିଲ୍ କର୍ବାର୍କେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ । ସତ୍ସଙ୍ଗ ବିହାର୍ ନ ଥିବା ଡକ୍ଟର୍ ମୁଖାର୍ଜୀଙ୍କର୍ ପ୍ରତିମୂର୍ତିଥି ଆଏଜ୍ ସଖାଲ୍ ବେଲା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଉ ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ମାଲ୍ୟାର୍ପଣ କରିକରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି    ଆର୍ଏନ୍ୟୁ/ ସମ୍ବଲପୁର

ଆଏବାକାଏଲ୍ ଭୁବ୍ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେବା । ଗଲା ୩୦ ତାରିଖ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଲାଗି ପଞ୍ଜିକରଣ୍ କରିଥିବା ଅଭିଯୋଗ୍କାରୀମାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯୋଗ୍ କରିପାର୍ବେ । ଇ ବାବ୍ଦେ ସାଧାରଣ୍ ଅଭିଯୋଗ୍  ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ୍- କୋରାପୁଟ୍    କୋରାପୁଟ୍ ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ କୋରାପୁଟ୍ ଜିଲ୍ଲା ଜୟପୁର୍ ଗସ୍ତ କରିକରି କେନ୍ଦ୍ରୀୟ ବିଦ୍ୟାଲୟର୍ ଅସ୍ଥାୟୀ କେମ୍ପସ୍ ଉଦ୍ଘାଟନ୍ କର୍ବାର୍ ସହେତେ ୮ ଏକଡ୍ ଇଲାକା ନ ହେବାର୍କେ ଥିବାର୍ କେନ୍ଦ୍ରୀୟ ବିଦ୍ୟାଳୟର୍ ଭିତିପ୍ରସ୍ତର୍ ଥାପ୍ନା କରିଛନ୍ । ବିକ୍ରମ୍ ଦେବ୍ ବିଶ୍ୱବିଦ୍ୟାଳୟ ପରିସର୍ ନ ଗୁଟେ ସାଧାରଣ୍ ସଭାଥି ଉଦ୍ବୋଧନ୍ ଦେଇକରି ଶ୍ରୀ ପ୍ରଧାନ୍ କେନ୍ଦ୍ର ସର୍କାର୍ଙ୍କର୍ ଚେରେଷ୍ଟାଥି ଓଡ଼ିଶା ଆଉ ଆଦିବାସୀ ବହୁଳ କୋରାପୁଟ୍ ଜିଲ୍ଲା ନ ଶିକ୍ଷାର ପ୍ରଚାର୍ ପ୍ରସାର୍ ହେଇଛେ ବଲି କହିଛନ୍ । ଆଏବା ଦିନେ ୧୫ ଶହ କୋଟି ଟଙ୍କାର୍ ଖର୍ଚ୍ଚାଥି ରାଏଜେ ୩ ଶହ ୬୨ ଟା ପିଏମ୍ଶ୍ରୀ

ବିଦ୍ୟାଳୟ ତିଆର୍ କର୍‌ବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ଛୁଆମାନ୍‌କର୍ ଉଲ୍ଲେଖନୀୟ ଉପଲବ୍ଧି ଲାଗି ଫି’ ବଛର୍ ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ଦିଆଯାଏସି । ଇ ବଛର୍ ଇ ପୁରସ୍କାର୍ ଲାଗି ଆବେଦନ୍ ପ୍ରକ୍ରିୟା ଜାରି ରହିଛେ । ଇଚ୍ଛୁକ୍ ଆବେଦନ୍‌କାରୀମାନେ ଇ ମାସର୍ ୩୧ ତାରିଖ୍ ଭିତ୍‌ରେ awards.gov.in ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ ।

ଗୋଦାବରିଶ ବିଦ୍ୟାର୍ଥୀ ପ୍ରୋତ୍ସାହନ୍ ଯୋଜ୍‌ନା/ଆର୍‌ଏନ୍‌ୟୁ ସମ୍ବଲପୁର

ଗୋଦାବରିଶ ବିଦ୍ୟାର୍ଥୀ ପ୍ରୋତ୍ସାହନ୍ ଯୋଜ୍‌ନା ଅଧୀନ୍‌ଥି ଆବେଦନ୍ କର୍‌ବାର୍ ଶେଷ୍ ଦିନ୍ ଆଏବା ୨୧ ତାରିଖ୍ ଧାରିଜ୍ କରାଯାଇଛେ । ଉଚ୍ଚ ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଲିତ୍ ଇ ବଛରର୍ ବାର୍ଷିକ ଉଚ୍ଚ ମାଧ୍ୟମିକ୍ ପରୀକ୍ଷା ଆଉ ଧନ୍ଦାମୂଳକ୍ ପରୀକ୍ଷାଥି ପାସ୍ କରିଥିବା ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରୁ ଯୋଗ୍ୟ ବିବେଚିତ ହେଇଥିବା

ବିଦ୍ୟାର୍ଥୀ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ଇ ଯୋଜ୍‌ନା ଅଧୀନ୍‌ଥି ଲେପ୍‌ଟପ୍ ଘିନ୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ୩୦ ହଜାର୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ଦେବାର୍ ବ୍ୟବସ୍ଥା କରାଯାଇଛେ ।

ମହରମ୍ ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ମୁସଲ୍‌ମାନ୍ ସମ୍ପ୍ରଦାୟଙ୍କର୍ ତର୍‌ଫୁ ତ୍ୟାଗ ଆଉ ବଲିଦାନ୍‌ର ପରବ ଆସୁରା-ଏ-ମହରମ୍ ପାଲିତ୍ ହେଇଛେ । ଇ ଅବ୍‌ସରେ ଆଏଜ୍ ଦେଶ୍ ଆଉ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ତାଜିଆ ଶୋଭାଯାତ୍ରା ମାନ୍ ବାହାର୍ କରାଯାଇଛେ । କର୍ବଲାର୍ ଶହିଦ୍ ମାନ୍‌କର ସର୍ବୋଚ୍ଚ ବଲିଦାନ୍‌କେ ସୋର୍ ପକେଇକରି ଧାର୍ମିକ୍ ସଭା ମାନ୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ହଜ୍‌ରତ୍ ଇମାମ୍ ହୁସେନ୍‌ଙ୍କର୍ ବଲିଦାନ୍‌କେ ସୋର୍ ପକେଇକରି ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ସେ ଧର୍ମର୍ ପ୍ରତିବଦ୍ଧତା ଉପ୍‌ରେ ଜୋର୍‌ଦେବାର୍ ସହେତେ ପ୍ରତିକୂଳ ପରିସ୍ଥିତି ନ ସତ୍ୟକେ ବଂଚେଇ ରଖ୍‌ବାର୍ ଲାଗି ଲୁକ୍‌କୁ ପ୍ରେରଣା ଦେଇଥିଲେ ।

ବିଶ୍ୱ ଜୁନୋସିସ୍ ରୋଗ ନିରାକରଣ ଦିବସ ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱ ଜୁନୋସିସ୍ ରୋଗ ନିରାକରଣ ଦିବସ ଆଏଜ୍ ପାଲିତ୍ ହେଇଛେ । ରୋଗ୍ ପର୍ଯ୍ୟବେକ୍ଷଣ୍ ପରିବେଶ୍ ସୁରକ୍ଷା ଆଉ ମଜ୍‌ବୁତ୍ ସ୍ୱାସ୍ଥ୍ୟ ପ୍ରଣାଲୀର୍ ପ୍ରସାର୍ ବାର୍ତା ନେଇକରି ଇ ଦିବସ୍ ପାଲିତ୍ ହେଉଛେ । ପଶୁ ଚାବ୍‌ବାର୍ ଲାଗି ପ୍ରାକୃତିକ୍ ଉପେଥି ସଂକ୍ରମିତ୍ ହେଉଥିବା ରୋଗ୍‌କେ ଜୁନେସିସ୍ ରୋଗ୍ କୁହାଯାଏସି । ଭାରତୀୟ ଭେଷଜ ଗବେଷଣା ପରିଷଦ୍ ଆଇସିଏମ୍‌ଆର୍ ଭାରତ୍‌ନୁ ୨୦୩୦ ତକ୍ ଜଳାନ୍ତକ ରୋଗ୍‌କେ ମୁଲ୍‌ହୁ ସଫା କର୍‌ବାର୍‌କେ ପରାମର୍ଶ ଦେଇଛେ । ଆଇସିଏମ୍‌ଆର୍ କହିଛେ ଫି' ବଛର୍ ଦେଶେ ପଶୁ ଚାବ୍‌ବାର୍ ଲାଗି ହେଉଥିବାର୍ ରୋଗ୍‌ଥି ୯ ନିୟୁତ ନୁ ଅଏତ୍‌କା ଲୋକ୍ ସଂକ୍ରମିତ୍ ହେବାର୍ ସହେତେ ସେମାନ୍‌କର୍ ଭିତ୍‌ରୁ ୫ ହଜାର୍ ଲୁକଙ୍କର୍ କୁକୁର୍ ଚବା ଲାଗି ହେଉଥିବା ଜଳାନ୍ତକ ବେମାର୍‌ଥି ଜୀବନ୍ ଯାଏସି । ସେମାନ୍‌କର୍ ଭିତ୍‌ରୁ ୮୦ ପ୍ରତିଶତ୍ କୁକୁର୍ ଚବା ଆକ୍ରାନ୍ତ ଅତିକମ୍ ନ ଥରେ ପ୍ରତିଷେଧକ୍ ଟୀକା ନେଇଥିବାର୍ ରିପୋର୍ଟ ମିଳିଛେ । ଇ ସର୍ବେକ୍ଷଣ୍ ପ୍ରକ୍ରିୟା ଦେଶର୍ ୯୧ ପ୍ରତିଶତ୍‌ନୁ ଅଏତ୍‌କା ପରିବାର୍ ନ କରାଯାଇଥିବାର୍ ଆଇସିଏମ୍‌ଆର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଯୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁକ୍ତ ୩ ଥି ନାଁଲେଖାର୍ ୩ ନମ୍ବର୍ ଖେପ୍ ଶେଷ୍ ହେଇଛେ । ଆଏବା କାଏଲ୍‌ଠାନୁ ୱେଟିଂ ଲିଷ୍ଟ ଆଉ ସ୍ପଟ୍ ନାଁଲେଖା ପ୍ରକ୍ରିୟା ମୁଲ୍ ହେବା । ୧୦ ତାରିଖ୍ ଭିତ୍‌ରେ ଇଥିର୍‌ଲାଗି ଆବେଦନ୍‌ର ସୁଯୋଗ୍ ମିଲିପାର୍‌ବା ଆଉ ୧୨ ତାରିଖ୍ ଦିନ ମେଧା ତାଲିକା ବାହାର୍‌ବା । ହେଲେ ଆଏବା ୧୦ ତାରିଖ୍‌ନୁ ପାଠ୍‌ପଢ଼ା ମୁଲ୍ ହେବା  ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ରାଜସ୍ୱ ସଂଗ୍ରହ ସମୀକ୍ଷା ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସମ୍ମିଳନୀ କକ୍ଷ ନ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ରାଜସ୍ୱ ସଂଗ୍ରହ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବନଖଣ୍ଡ ଅଧିକାରୀ ଅତିରିକ୍ତ ଜିଲ୍ଲାପାଲ୍, ଉପଜିଲ୍ଲାପାଲ୍‌ଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । ବୈଠକ୍‌ଥି ରାଜସ୍ୱ ଅଧିକାରୀମାନେ ନିୟମିତ୍ ଭାବେ ଜିଲ୍ଲାର୍ ରାଜସ୍ୱ ବଢ଼ାବାର୍ ଲାଗି ଧ୍ୟାନ୍ ଦେବାର୍ ସହେତେ ଜିଲ୍ଲା ରେଡ଼କ୍ରସ୍ ପାଣ୍ଠିକେ ଭିଲ୍ ବଢ଼ାବାର୍ ଲାଗି ଆହ୍ୱାନ୍ ଦିଆଯାଇଛେ ।

ରଥଯାତ୍ରା ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର୍ ନ ବାହୁଡ଼ା ରଥଯାତ୍ରା ଉତ୍‌ରୁ ମହାପ୍ରଭୁ ମାନ୍‌କର୍ ଗମ୍ଭୀରା ବିଜେ ନୀତି ଅନୁଷ୍ଠିତ୍ ହେଉଛେ । ଗମ୍ଭୀରା ବିଜେ ଆଗ୍‌ରୁ ମହାପ୍ରଭୁଙ୍କର୍ ଏକାଦଶୀ ଉଲ୍‌ଗୁନେ ମହାଆଲ୍‌ତୀ କରାଯାଇଥିଲା । ଝାଡୁଆପଡ଼ାର୍ ଶ୍ରୀ ଶ୍ରୀ ବ୍ରହ୍ମପୁରା ମାହାପୁରୁ ରଥ ଉପ୍‌ରେ ସୁନାବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଉଛନ୍ । ଆଏବା କାଏଲ୍ ଅଧରପଣା ନୀତି ସହେତେ ଚତୁର୍ଦ୍ଧାମୂର୍ତି ମନ୍ଦିର୍ ଗମ୍ଭୀରାକେ ବିଜେ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ ଖେଲ ଆର୍‌ଏନ୍‌ୟୁ ସମ୍ବଲପୁର

ଯୁକ୍ତରାଷ୍ଟ୍ର ଆମେରିକାର୍ ବର୍ମିହୋମ୍ ଠାନେ ଚାଲିଥିବା ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ ଖେଲ୍ -୨୦୨୫ ଥି ଆଏଜ୍ ଓଡ଼ିଶା ପୁଲିସ୍‌ର କନ୍‌ଷ୍ଟେବଲ୍ ଅଶୋକ ଦଣ୍ଡସେନା ୪ ନମ୍ବର୍ ବ୍ୟକ୍ତିଗତ ସ୍ୱର୍ଣ୍ଣପଦକ୍ ହାସଲ୍ କରିଛନ୍ । ପୁରୁଷ ୧୦ ହଜାର୍ ମିଟର୍ ଦୌଡ଼ ପ୍ରତିଯୋଗିତାଥି ଶ୍ରୀ ଦଣ୍ଡସେନା ଇ ସଫଲତା ପାଇଛନ୍ । ଇତାର୍ ସହେତେ ଇ ପ୍ରତିଯୋଗିତାଥି ସେ ଆଉ ୫ ଟା ପଦକ୍ ଜିତିଛନ୍ । ମହିଳା ଶହେ ମିଟର୍ ବାଧା ଦୌଡ଼ ପ୍ରତିଯୋଗିତାଥି କନ୍‌ଷ୍ଟେବଲ୍ ସବିତା ୨ ନମ୍ବର୍ ସ୍ୱର୍ଣ୍ଣପଦକ୍ ବିଜୟୀ ହେଇଛନ୍ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ନୁ ଆଏଜ୍ ଇ ବଛ୍ରର୍ ପହେଲା ବଏଢ୍ ପାଏନ୍ ଛଡ଼ାଯାଇଛେ । ପହେଲା ଖେପେ ୨୦ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଖାଲର୍ ୯ ବଜେତକ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ୬ ଶହ ୯ ଦଶ୍ମିକ୍ ୫/୪ ଫୁଟ୍ ରହିଥିଲା । ଇ ବାବ୍ଦେ ଅଏତ୍କା ସୂଚ୍ନା ଦଉଛନ୍ ହୀରାକୁଦ୍ ଜଲ୍ଭଣ୍ଡାର୍ ସର୍ବୋଚ୍ଚ ଯନ୍ତ୍ରୀ ସୁଶୀଲ୍ କୁମାର୍ ବେହେରା ।
(ଭଏସ୍ ଓଭର୍-ଜଲ୍ଭଣ୍ଡାର୍ ସର୍ବୋଚ୍ଚ ଯନ୍ତ୍ରୀ)

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହେବାର୍ ସହେତେ ଲଘୁଚାପ୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ବୁଧବାର୍ତକ୍ ଜବର୍ ବର୍ଷା ଲାଗି ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସୂଚ୍ନା ଦେଇଛେ ।